# Akashvani, Sambalpur

# SAMBALPURI NEWS BULLETIN

## 12 March 2025- 6.47- 6.52 am.

*********************************************

ମୁଖ୍ୟ ଶାସନ୍ ସଚିବ-ବଜେଟ୍ ଖର୍ଚ୍ଚ        I&PR

୨୦୨୪-୨୫ ଆର୍ଥିକ୍ ବଛରର୍ ବଜେଟ୍‌କେ ଯଥାସମ୍ଭବ୍ ସବୁ ଖର୍ଚ୍ଚା କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସବୁ ବିଭାଗ୍‌ର ସଚିବ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ସଚିବସ୍ତରୀୟ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଶ୍ରୀ ଆହୁଜା ଗଲାବଛର୍‌ନୁ ଇ ବଛର୍ ସବୁ ବିଭାଗ୍ ନିଜର୍ ନିଜର୍ ଖର୍ଚ୍ଚା ଅଏତ୍‌କା କରିଛନ୍ ବଲି କହିଛନ୍ ।  ଏବ୍‌ତକ୍ ବଜେଟ୍‌ର ୮୦ ପ୍ରତିଶତ୍‌ନୁ ଅଏତ୍‌କା ଅର୍ଥ ଖର୍ଚ୍ଚା କରିସାରିଥିବାର୍ ବିଭାଗ୍ ମାନ୍‌କୁ ୨୦୨୪-୨୫ ଆର୍ଥିକ୍ ବଛରର୍ ଶେଷ୍ ବେଲ୍‌ତକ୍ ୯୦ ପ୍ରତିଶତ୍ ବଜେଟ୍ ଅର୍ଥ ଖର୍ଚ୍ଚ କର୍‌ବାର୍‌କେ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ । ସେନ୍ତା ୭୦ ପ୍ରତିଶତ୍ ବଜେଟ୍ ଖର୍ଚ୍ଚା କରିଥିବା ବିଭାଗ୍ ମାନ୍‌କୁ ୮୦ ନୁ ୮୫ ପ୍ରତିଶତ୍‌ତକ୍ ଖର୍ଚ୍ଚା କର୍‌ବାର୍‌କେ ସେ  ପରାମର୍ଶ ଦେଇଛନ୍ ।

ଇତାର୍‌ସହେତେ ୨୦୨୫-୨୬ ବଜେଟ୍ ବ୍ୟୟବରାଦ୍ ଅନ୍‌ସାରେ ଖର୍ଚ୍ଚା କର୍‌ବାରକେ ପ୍ରସ୍ତୁତ୍ ରହେବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଭିନ୍ ଭିନ୍ ବିଭାଗ୍‌ର୍ ସଚିବମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜସ୍ୱ ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିନ୍ ଭିନ୍ ବିଭାଗ୍ ଆର୍ ସର୍‌କାରୀ କାର୍ଯ୍ୟାଳୟ ମାନ୍‌କେ ସ୍ମାର୍ଟ ସର୍ଭିଲେନ୍ସ ସିଷ୍ଟମ୍ ବ୍ୟବସ୍ଥା କର୍‌ବାର୍‌ଥି ଓଡ଼ିଶା - ଦେଶର୍ ପହେଲା ରାଜ୍ୟ ଆଏ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ବିଭାଗ୍‌ର ଖର୍ଚ୍ଚା ଦାବି ଉପସ୍ଥାପନ୍ କଲାବେଲ୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଆଘରର୍ ଥିତିକେ ସୁଧିରେଇକରି ଇହାଦେ କିଏ କେତେ ଘଂଟା ଡ୍ୟୁଟି କରୁଛେ କେମ୍‌ରା ସବୁ ରେକର୍ଡ଼ ରଖୁଛେ । ସେନ୍ତା ରାଜ୍ୟ ସର୍‌କାର୍ ଇହାଦେ ସବୁ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଜମି ପଟ୍ଟା ଦେବାର୍‌କେ ପଦକ୍ଷେପ୍ ମୁଲ୍ କଲେନ । ସବୁ ପଂଚାୟତ୍ ନ ଆର୍‌ଆଇ ସର୍କଲ୍ ଥାପ୍‌ନା କର୍‌ବାର୍‌କେ ଯାଉଛନ୍ । ଜବର୍‌ଦଖଲ୍ ଉପ୍‌ରେ କଡ଼ା ନଜର୍ ରଖାଯାଉଛେ । କେନ୍‌ସି ଜାଗା ନ ଭିଲ୍ ଜବର୍‌ଦଖଲ୍ ହେଲେ

ଆର୍‌ଆଇ ଆର୍ ତହସିଲ୍‌ଦାର୍‌ମାନେ ଦାୟୀ ରହେବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଥାଲାସେମିଆ-କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ ୨୦୪୭ ମସିହା ତକ୍ ରକ୍ତ ଶିକୁଳୀ ଆଉ ରକ୍ତହୀନତା ରୋଗ୍ ଦୂର୍ କର୍‌ବାର୍ ଲାଗି ପ୍ରତିଶ୍ରୁତିବଦ୍ଧ ବଲି ଅନୁସୂଚିତ ଜନଜାତି ଆଉ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ 'ସିକିଲ୍ ସେଲ୍ ଆର୍ ଥାଲାସେମିଆ ନିରାକରଣ୍' ବିଷେକେ ନେଇକରି ହେଇଥିବା ଦୁଇ ଦିନିଆ ଜାତୀୟ କର୍ମଶାଳାକେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ଇ ରୋଗ୍‌ଥି ଆକ୍ରାନ୍ତ କେନ୍‌ସି ଛୁଆ ଯେନ୍‌ତା ଚିକିତ୍ସାନୁ ବଂଚିତ୍ ନାଇଁ ହେବେ ସେଟା ସର୍‌କାର୍‌ଙ୍କର୍ ଲକ୍ଷ୍ୟ ରହେବା । ରାଜ୍ୟ ସର୍‌କାର୍ ଇ ମିଶନ୍‌କେ ତୁର୍‌ତି କରିକରି ଉପାନ୍ତ ଆଉ ଜନଜାତି ଇଲାକା ନ ଜୋର୍‌ଦାର୍ ସଚେତନତା କାର୍ଯ୍ୟକ୍ରମ୍ ଆର୍ ଚିକିତ୍ସା ବ୍ୟବସ୍ଥା ଜାରି ରଖିଛନ୍ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ନିର୍ବାଚନ୍ ଆୟୋଗ୍‌ର ଆହ୍ୱାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇନ୍‌ର ଢାଂଚା ଭିତ୍‌ରେ ନିର୍ବାଚନ୍ ପ୍ରକ୍ରିୟାକେ ଆହୁରି ମଜ୍‌ବୁତ୍ କର୍‌ବାର୍ ଲକ୍ଷ୍ୟଥି ଭାରତୀୟ ନିର୍ବାଚନ୍ ଆୟୋଗ୍ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ସଭାପତି ଆର୍ ନେତାମାନ୍‌କୁ ଆଲୋଚନା ଲାଗି ନିମନ୍ତ୍ରଣ୍ କରିଛନ୍ । ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀ, ଜିଲ୍ଲା ନିର୍ବାଚନ୍ ଅଧିକାରୀ କି ମୁଖ୍ୟ ନିର୍ବାଚନ୍ ଅଧିକାରୀ ସ୍ତର୍‌ଥି ଥିବା ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ସବୁ ଜାତୀୟ ଆଉ ରାଜ୍ୟସ୍ତରୀୟ ରାଜନୈତିକ୍ ଦଲ୍‌ମାନେ ୩୦ ଏପ୍ରିଲ୍ ଭିତ୍‌ରେ ପରାମର୍ଶ ଦେବାର୍‌କେ ଆୟୋଗ୍ ଆହ୍ୱାନ୍ ଦେଇଛନ୍ ।

ବାଲି ମାଫିଆ- ପୁଲିସ୍ ଚଢ଼ଉ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଏଲ୍, ମୁରୁମ୍ ଆର୍ ମକଲ୍ଲା ପଥର୍‌ର ବେଆଇନ୍ ଚାଲାଣ୍ ରୁକ୍‌ବାର୍ ଲାଗି ୫ ଦିନ୍ ହେଲା ସାରା ରାଏଜେ ପୁଲିସ୍‌ର ଚଢ଼ଉ ଜାରି ରହିଛେ । ଗଲା ୭ ତାରିଖ୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମୁଲ୍ ହେଇଥିବା ଇ ଚଢ଼ଉଥି ଏବ୍‌ତକ୍ ମାଫିଆମାନ୍‌କର୍ ବିରୁଧେ ୪ ଶହ ୫୬ ଟା ମାମ୍‌ଲା ରୁଜୁ କରାଯାଇଛେ । ସେନ୍ତା ରାସ୍ତାଘାଟ୍ ଆର୍ ନଦୀ ଘାଟ୍ ନ ପୁଲିସ୍ ଚଢ଼ଉ କରିକରି ୫ ଶହ ୨୪ ଟା ବାଏଲ୍ ବୁଝେଇ ଗାଡ଼ି ଜବତ୍ କରିଛେ । ଘଟ୍‌ନାଥି ପୁଲିସ୍ ଏବ୍‌ତକ୍ ୩ ଶହ ୬୦ ଝନ୍‌କୁ ଗିରଫ୍ କରିଥିଲା ବେଲ୍‌କେ ଶହେ

ନୁ ଅଏତ୍କା ଲୁକ୍କୁ ନୋଟିସ୍ କରିଥିବାର୍ ଜନାପଡ଼ିଛେ । ଚଢ଼ଉ ଅଭିଯାନ୍କେ ଆହୁରି ଜୋର୍ଦାର୍ କରାଯିବା ବଲି ପୁଲିସ୍ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର ଖୁରାନିଆ କହିଛନ୍ ।

ଲକ୍ଷପତି ଦିଦି ସୁବର୍ଣ୍ଣପୁର୍/ ଝାର୍ସୁଗୁଡ଼ା/ବୌଦ୍ଧ/କଲାହାଣ୍ଡି

ସୋନ୍ପୁର୍ ଟାଉନ୍ହଲ୍ ଠାନେ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ହେଇଯାଇଛେ । ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କର୍ମଶାଳା ନ ଜିଲ୍ଲାର୍ ଭିନ୍ ଭିନ୍ ବିଭାଗ୍ର ଅଧିକାରୀମାନେ ନିଜର୍ ନିଜର୍ ବିଭାଗ୍ର ଜନକଲ୍ୟାଣ୍କାରୀ ଯୋଜ୍ନା ବାବଦ୍ ତଥ୍ୟ ଉପସ୍ଥାପନ୍ କରିଥିଲେ । ଭିନ୍ ଭିନ୍ କ୍ଷେତ୍ର ନ ସଫଲ୍ ହେଇଥିବା ସ୍ୱୟଂ ସହାୟକ ସଭ୍ୟାମାନ୍କୁ ପୁରସ୍କୃତ କରାଯାଇଥିଲା ।

ଝାର୍ସୁଗୁଡ଼ା ଏମ୍ସିଏଲ୍ ଅଡ଼ିଟୋରିୟମ୍ ଠାନେ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନରୱଣେ ଯୋଗ୍ ଦେଇକରି ମହିଳାମାନ୍କୁ ଆତ୍ମନିର୍ଭର୍ଶୀଳ ହେବାର୍କେ ଆହ୍ୱାନ୍ ଦେବାର୍ ସହେତେ ସେମାନ୍କର୍ ଦକ୍ଷତା ଚିହ୍ନବାର୍ ଦର୍କାର୍

ଅଛେ ବଲି କହିଥିଲେ । କର୍ମଶାଳାଥି ୩ ଝନ୍ ସଫଲ୍ ମହିଲା ଉଦ୍ୟୋଗୀ ସେମାନ୍‌କର୍ ଲକ୍ଷପତି ଦିଦି ହେବାର୍ ଅନୁଭୂତି କହିଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲା ମୁରୁଷୁଣ୍ଡି ପଡ଼ିଆ ଠାନେ ଭିଲ୍ ଲକ୍ଷପତି ଦିଦି କର୍ମଶାଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଲକ୍ଷପତି ଦିଦି ମାନ୍‌କୁ ତହଁକାବାର୍ ଲାଗି ସର୍‌କାର୍ ନେଇଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ବୁଝେଇଥିଲେ । ବୌଦ୍ଧ ନ ୬ ହଜାର୍ ଲକ୍ଷପତି ଦିଦି ଅଛନ୍ ବଲି ଜିଲ୍ଲାପାଲ୍ କହିଥିଲେ । ଇ ଅବ୍‌ସରେ ମତ୍ସ୍ୟ, କୃଷି, ଗୋପାଲନ୍, ଉଦ୍ୟାନ କୃଷି ଆଉ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଲକ୍ଷପତି ଦିଦିମାନ୍‌କୁ ତାଲିମ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଲୟ ଖେଲ୍‌ପଡ଼ିଆଠାନେ ଲକ୍ଷପତି ଦିଦି କର୍ମଶାଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ ପ୍ରକାଶ୍ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ରହିକରି ଲକ୍ଷପତି ଦିଦି ମାନ୍‌କୁ ତାଲିମ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୪ ହଜାର୍ ନୁ ଅଏତ୍‌କା ମହିଲା ଯୋଗ୍ ଦେଇଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ସମ୍ବଲପୁର

ଇ ହପ୍ତାଥି ପଶ୍ଚିମ ଓଡ଼ିଶାର୍ ସବୁ ଇଲାକା ନ ଦିନର୍ ତାତି ୪୦ ଡିଗ୍ରୀ ପାର୍ କର୍‌ବା । ଆଏବା ୪ ଦିନ୍ ଭିତ୍‌ରେ ରାଜ୍ୟର୍ ସବୁ ଜାଗାନ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା, ହେଲେ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୯ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।